# କୃଷି ଉତ୍ପାଦନରେ ବିକାଶ ଓ ଖାଦ୍ୟ ବିବିଧତା

ମୁଁ ଜଣେ ଅଶିକ୍ଷିତ ମହିଳା, କିନ୍ତୁ ବାପା ଜେଜେବାପାଙ୍କ ଠାରୁ ଶିଖିଥିବା ଜ୍ଞାନକୁ ନେଇ ମୁଁ ବିଭିନ୍ନ ପ୍ରକାରର ଗୃଷ କରେ । ଧାନ, ମାଣ୍ଡିଆ, ଲାଉ, ବଇତାଳୁ, ଶିମ୍ବ, କାଙ୍କଡ଼ ଇତ୍ୟାଦି ଫସଲକୁ ପାରମ୍ପରିକ ପଦ୍ଧତିରେ ଗୃଷ କରି ସେଥିରୁ ଯାହା ଉତ୍ପାଦନ ହୁଏ, ତାକୁ ନେଇ ମୋ ପରିବାର ଚଳେ । ୨୦୧୩ ମସିହାରେ ସ୍ୱାମୀନାଥନ୍ ଫାଉଣ୍ଡେସନ୍ ଆମ ଗାଁରେ ତା'ର ଲାନ୍ସା ପ୍ରକଳ୍ପର କାର୍ଯ୍ୟକ୍ରମ ଆରମ୍ଭ କରିଥିଲା । ସେମାନେ କୃଷି ଓ ପୁଷ୍ଟି ନିରାପତ୍ତା ସର୍କିତ ବିଭିନ୍ନ ପ୍ରକାର ବୈଠକ ଓ ତାଲିମର ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାଗନେଇ ମୁଁ ଗୃଷରେ ଆହୁରି ବିଭିନ୍ନତା ଆଣିପାରିଲି । ୨୦୧୫ ମସିହାରେ ମୋ ଘର ପଛପଟେ ଥିବା ଛୋଟ ବାଡ଼ରେ ନିଜସ୍ୱ ପାରମ୍ପରିକ ପନିପରିବା ସହିତ ପ୍ରକଳ୍ପ ସହାୟତାରେ ଦିଆଯାଇଥିବା କିଛି ନୂଆ ପନିପରିବା ଯଥା: ରଙ୍ଗ ଭାଜି, ଟମାଟୋ, ଧନିଆପତ୍ର, ଗୁଆଁର, ମୂଳା, ଗାଜର, କଅଁାଲଙ୍କା, ଭେଣ୍ଡି, ପୋଇ ଶାଗ ଇତ୍ୟାଦି ଲଗାଇଲି । ଏହା ସହିତ ବଗିଚାର ହୁଡ଼ାରେ ଅମୃତଭଣ୍ଡା, ପିଜୁଳି, ଲେମ୍ବୁ, ଡାଳିମ୍ବ ଆଦି ଫଳଗଛ ସହିତ ସଜନା ଗଛ ମଧ୍ୟ ଲଗାଇଲି ।



ସେହି ବଗିଚାରୁ ମୁଁ ରଙ୍ଗଭାଜି, ଧନିଆପତ୍ର, ଗାଜର ଇତ୍ୟାଦି ପନିପରିବା ପ୍ରଥମଥର ପାଇଥିଲି ଏବଂ ବେଶ୍ ଖୁସିରେ ସପରିବାର ଖାଇଥିଲୁ । ସେହି ଦିନ ଠାରୁ ମୁଁ ବିଭିନ୍ନ ପ୍ରକାରର ପନିପରିବା ଗୃଷ କରି ଆସୁଅଛି ।

ଏହା ବ୍ୟତୀତ ମୁଁ ପୋଷଣ ବଗିଚା ପରିଚାଳନା ସମ୍ବନ୍ଧୀୟ ତାଲିମ ସହିତ ପୋଇ ଶାଗ ର ପ୍ରସ୍ତୁତି ପ୍ରଣାଳୀ ଓ ବିଭିନ୍ନ ପ୍ରକାର ପୋଷଣ ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲି । ମୁଁ ବର୍ତ୍ତମାନ ମୋ ଘର ବାଡ଼ିରୁ ତଟକା ପନିପରିବା ବିଶେଷତଃ ଶାଗ ଜାତୀୟ ପନିପରିବା ସବୁ ସମୟରେ ପାଇପାରୁଛି । ମୋ ପରିବାରରେ ପନିପରିବା ଖାଇବା ପରିମାଣ ଆଗ ଅପେକ୍ଷା ବଢ଼ିଛି ଏବଂ ହାଟରୁ ପନିପରିବା କିଣିବା ବହୁ ମାତ୍ରାରେ କମିଛି । ମୋ ପରିବାରର ଆବଶ୍ୟକତାକୁ ପୂରଣ କରିବା ପରେ ମୁଁ ମଧ୍ୟ ଅମୃତଭଣ୍ଡା, ଟମାଟୋ, ବାଇଗଣ ଆଦି କିଛି ପନିପରିବା ମୋ ବନ୍ଧୁ ବାନ୍ଧବଙ୍କୁ ଦେବାରେ ସକ୍ଷମ ହୋଇପାରିଛି ।

ପନିପରିବା ଚାଷ ସହିତ ମୁଁ ମଧ୍ୟ ଉନ୍ନତ ପ୍ରଣାଳୀରେ ବିଭିନ୍ନ ଫସଲର ଗୃଷ ଯଥା: ମକା ସହିତ କାନ୍ଦୁଲର ଧାଡ଼ି ବୁଣା, ମାଣ୍ଡିଆ ଓ ଜିଙ୍କ୍ ଯୁକ୍ତ ଧାନର ଧାଡ଼ି ରୋପା, ନିର୍ଦ୍ଦିଷ୍ଟ ସମୟରେ ଘାସ ବଛା, ଜଳ ସେଚନ, କୀଟନାଶକ ପ୍ରୟୋଗ, କୋଡ଼ାଖୁସା ଇତ୍ୟାଦିକୁ ଗୁରୁତ୍ୱ ଦେଇଛି । ଏହି ସବୁ ପଦ୍ଧତି ଅବଲମ୍ବନ କରିବା ଫଳରେ ମୁଁ ଆଗ ଅପେକ୍ଷା ଅଧିକ ଅମଳ ପାଇପାରିଛି ଯାହାକି ମୋ ପରିବାରର ବର୍ଷସାରା ଖାଦ୍ୟଶସ୍ୟର ଆବଶ୍ୟକତାକୁ ପୂରଣ କରିପାରିଛି ।



**ନାମ : ଭାନୁ ମାଧିଆ**
ଗ୍ରାମ : ରାଉଳିଗୁଡ଼ା,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ
ବୟସ : ୩୮ ବର୍ଷ
ଜାତି : ଗାଦବା (ଆଦିବାସୀ)
ବୃତ୍ତି : କୃଷି (୧୦ ଏକର)
ପରିବାର ସଂଖ୍ୟା : ୬ (୩ ବୟସ୍କ, ୩ ଶିଶୁ)

ଲେଖା ଓ ପ୍ରସ୍ତୁତି : **ଜଗନ୍ନାଥ ନାୟକ,**
ବୈଷୟିକ ସହାୟକ,
ଏଫ୍.ଏସ୍.ଏନ୍ ଅଧ୍ୟୟନ, ଲାନ୍ସା ।

LANSA Leveraging Agriculture for Nutrition in South Asia
MSSRF